ଧରିତ୍ରୀ
DHARITRI
ବ୍ରହ୍ମପୁର, ଶୁକ୍ରବାର, ୭ ମେ, ୨୦୨୧

## ସଂକ୍ଷେପରେ

### ତପ୍ତପାଣି ଘାଟିରେ ଓଲଟିଲା କାଜୁ ଟ୍ରକ



**ଦିଗପହଣ୍ଡି,୬।୫(ଡି.ଏନ.ଏ.):** ଗଞ୍ଜାମ ଜିଲା ଦିଗପହଣ୍ଡି ଠାରୁ ୨୫ କି.ମି. ଦୂର ତପ୍ତପାଣି ଘାଟିରେ ଗୁରୁବାର ସକାଳେ ଏକ କାଜୁ ବୋଝେଇ ଟ୍ରକ (ଓଆର୍ ୦୯ ପି ୮୧୩୦) ଓଲଟି ପଡ଼ିଥିଲା। ଏଥିରେ ଟ୍ରକର ଚାଳକ ଏବଂ ହେଲ୍‌ପର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବରପାଇ ପାଟପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗସ୍ତ ଟ୍ରକକୁ ଜବତ କରି ତଦନ୍ତ ଚଳାଇଛି। ଟ୍ରକଟି ରାୟଗଡାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### ବଜ୍ରପାତରେ ୨ ଆହତ

**ଆର.ଉଦୟଗିରି,୬।୫(ଡି.ଏନ.ଏ.):** ଆର.ଉଦୟଗିରି ଥାନା ଅନ୍ତର୍ଗତ ନୂଆଗଡ ବ୍ଲକ ବେତରସିଂ ଗ୍ରାମରେ ବୁଧବାର ସନ୍ଧ୍ୟାରେ ବଜ୍ରପାତରେ ୨ ଜଣ ଆହତ ହୋଇଛନ୍ତି। ବେତରସିଂ ବେହେରା ସାହିର ବ୍ରଜମୋହନ ବେହେରା ଏବଂ ବାଗସିଂ ସାହିର ପଙ୍କଜ କୁମାର ରଇତ ବାଗସିଂ ସାହିର ଏକ ଘରେ ଥିବାବେଳେ ବଜ୍ରପାତ ହୋଇଥିଲା। ଫଳରେ ଉଭୟେ ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ରାମଗିରି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଥିବା ବ୍ରଜମୋହଙ୍କୁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା।

### ବୃଦ୍ଧଙ୍କୁ ମିଳିଲାନି କାନ୍ଧ, ସରପଞ୍ଚଙ୍କ ସହଯୋଗରେ ସଂସ୍କାର

କୁକୁଡ଼ାଖଣ୍ଡି,୬।୫-କୁକୁଡ଼ାଖଣ୍ଡି ବ୍ଲକ ବୋରିଗାଁ ପଞ୍ଚାୟତ ଅନ୍ତର୍ଗତ ଜକରାପଲ୍ଲୀ ଗାଁରେ ଜଣେ ବୃଦ୍ଧ ଏମ୍.ପୁରୁଷୋତ୍ତମ (୬୮)ଙ୍କ ମୃତ୍ୟୁ ପରେ କରୋନା ଭୟରେ ମୃତଦେହକୁ କାନ୍ଧ ଦେବାକୁ କେହି ଆସି ନ ଥିଲେ। ଦୀର୍ଘ ସମୟ ଅପେକ୍ଷା କରିବା ପରେ ସ୍ଥାନୀୟ ସରପଞ୍ଚ ବସନ୍ତ କୁମାର ସାହୁ ପହଞ୍ଚି ସମସ୍ୟା ବୁଝିବା ସହ ସ୍ଥାନୀୟ ପଞ୍ଚାୟତରେ ସ୍ୱେଚ୍ଛାସେବୀଙ୍କ ସହାୟତାରେ ଗାଁ ଶ୍ମଶାନକୁ ମୃତଦେହ ନେବାକୁ କାନ୍ଧ ଦେଇଥିଲେ। ସମ୍ମାନର ସହ ବୃଦ୍ଧଙ୍କ ଅନ୍ତିମ ସଂସ୍କାର ହୋଇଛି। ମିଳିଥିବା ସୂଚନାନୁସାରେ ହଠାତ ଦେହ ଖରାପ ହେବା ଫଳରେ ଏମ୍.ପୁରୁଷୋତ୍ତମ (୬୮)ଙ୍କ ମୃତ୍ୟୁ ହୋଇଥିଲା। ବୋରିଗାଁ ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କ ସମେତ ସମାଜସେବକଙ୍କ ଦ୍ୱାରା ଆଗଭର ହୋଇ ମାସ୍କ ପରିଧାନ କରି ମୃତଦେହ ଅନ୍ତିମ ସଂସ୍କାର କରିଛନ୍ତି। ଜିପି ମନିଟର ରଞ୍ଜନ କୁମାର ସାବତ, ଅଭିରାମ ସେଠି, ବିଦେଶୀ ସେଠି, ସନ୍ତୋଷ ବେହେରା, କରା ରାଉଲ, ସରୋଜ ପଟ୍ଟନାୟକ, ଶଙ୍କର ରାଉଳ, ସୁରେନ୍ଦ୍ର ସାହୁ, ବାବୁଲା ସେଠି, ଭାଗ୍ୟବାନ ସାହୁ ପ୍ରମୁଖ ମିଶି କୋକେଇରେ ଶ୍ମଶାନକୁ ନେବା ସହ ଦାହ କରିଥିଲେ।

# ଲକ୍ଷଣ ଥିଲେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ଯିବାକୁ ପରାମର୍ଶ

## ଗଞ୍ଜାମ ଜିଲାରେ ଅକ୍ସିଜେନ୍, ଶଯ୍ୟା ଅଭାବ ନାହିଁ: ଜିଲାପାଳ

**ଛତ୍ରପୁର,୬।୫(ଡି.ଏନ.ଏ)**

ଗଞ୍ଜାମ ଜିଲାରେ କରୋନା ଆକ୍ରାନ୍ତଙ୍କ ନିମନ୍ତେ ଅକ୍ସିଜେନ୍ ଓ ମେଡିକାଲରେ ଶଯ୍ୟା ଅଭାବ ନ ଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୁରୁବାର ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି। ଜିଲାରେ ଅକ୍ସିଜେନ ଓ ଶଯ୍ୟା ଅଭାବ ଏକ ଗୁଜବ। ଏହା ଉପରେ ବିଶ୍ୱାସ କରନ୍ତୁ ନାହିଁ ବୋଲି ଜିଲାପାଳ କହିଛନ୍ତି। ଯଦି କାହାରିଠାରେ କରୋନା ଜନିତ କିଛି ଲକ୍ଷଣ ଅଛି ତେବେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ସେଠାରେ ସ୍ୱାସ୍ଥ୍ୟ ଯାଞ୍ଚ କରନ୍ତୁ କିମ୍ବା କରୋନା ଟେଷ୍ଟ କରନ୍ତୁ। ସିଧାସଳଖ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ଆସି କାଜୁଆଲଟିରେ ଗହଳି କରନ୍ତୁ ନାହିଁ ବୋଲି ଜିଲାପାଳ କହିଛନ୍ତି। ଗୁରୁତର ରୋଗୀଙ୍କ ପାଇଁ କାଜୁଆଲଟିର ବ୍ୟବସ୍ଥା ରହିଛି। ମାଇଲ୍ଡ ଲକ୍ଷଣ ଥିବା ଲୋକେ ଆସି ଗହଳି କଲେ ଗୁରୁତର ରୋଗୀଙ୍କ ଉପରେ ଡାକ୍ତର ଫୋକସ କରିପାରୁନାହାଁନ୍ତି। ତେଣୁ ମାଇଲ୍ଡ ଲକ୍ଷଣ ଥିଲେ ବଡ଼ ମେଡିକାଲ ନ ଆସି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ଯଦି ବହୁତ ଅସୁବିଧା ହେଉଛି ନିକଟସ୍ଥ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ କହିଛନ୍ତି। ଅନ୍ୟପକ୍ଷରେ ରୋଗୀ ସମ୍ପର୍କୀୟମାନେ ଅକ୍ସିଜେନ୍ ପାଇଁ ଡାକ୍ତରଙ୍କ ଉପରେ ଚାପ ନ ପକାଇବାକୁ ଜିଲାପାଳ ଅନୁରୋଧ କରିଛନ୍ତି। କାହାକୁ ଅକ୍ସିଜେନ୍ ଦିଆଯିବ ସେ ଉପରେ ଡାକ୍ତର ନିଷ୍ପତ୍ତି ନେଇପାରିବେ। ତେଣୁ ଡାକ୍ତରଙ୍କ ଉପରେ ବିଶ୍ୱାସ ରଖିବାକୁ ଭିଡିଓ ବାର୍ତ୍ତାରେ କହିଛନ୍ତି। ଅନ୍ୟପକ୍ଷରେ ଜିଲାରେ ଦିନକରେ ଆଉ ୧୯୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୧୬୮ ଜଣ କରୋନାରୁ ସୁସ୍ଥ ହୋଇଥିବା ଜିଲାପାଳ ଗୁରୁବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ଏବେ ଗଂଜାମରେ ୧୬୩୨ ଜଣ ସକ୍ରିୟ କରୋନା ରୋଗୀ ଅଛନ୍ତି। ସେପଟେ ଗଞ୍ଜାମ ପୋଲିସ ଜିଲାରେ କୋଭିଡ ନିୟମ ଉଲ୍ଲଂଘନ ପାଇଁ ଗତ ୨୪ ଘଣ୍ଟାରେ ୫ଟି ଦୋକାନକୁ ସିଲ୍ କରାଯାଇଛି। ମାସ୍କ, ସାମାଜିକ ଦୂରତା ଓ ଗାଡି ଯାଞ୍ଚରୁ ୨ ଲକ୍ଷ ୭୦ ହଜାର ୫୦୦ ଟଙ୍କା ଜରିମାନା ଆଦାୟ ହୋଇଥିବା ଏସପି ବ୍ରିଜେଶ କୁମାର ରଏ ସୂଚନା ଦେଇଛନ୍ତି।

# ସିସିସି ଅନୁଧ୍ୟାନ କଲେ ଜିଲାପାଳ



ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ଜିଲାପାଳ।

**ଆର.ଉଦୟଗିରି,୬।୫(ଡି.ଏନ.ଏ.)**

ଗଜପତି ଜିଲାପାଳ ଅନୁପମ ସାହା ଗୁରୁବାର ମୋହନା ଗସ୍ତରେ ଆସି ବ୍ଲକ ବୈଠକ ଗୃହରେ କୋଭିଡ୍ ସ୍ଥିତି ସମୀକ୍ଷା କରିଛନ୍ତି। ସ୍ଥାନୀୟ ବିଡ଼ିଓ ଲୋକନାଥ ଦଳ ବେହେରା ଏବଂ ସହକାରୀ ଯନ୍ତ୍ରୀ ଜଗବନ୍ଧୁ ଆଚାର୍ଯ୍ୟଙ୍କ ସମେତ ସମସ୍ତ ବ୍ଲକ ଅଧିକାରୀଙ୍କ ସହ ମିଶି ଗୁଣ୍ଡିମ କୋଭିଡ କେୟାର ସେଣ୍ଟର (ସିସିସି) ଅନୁଧ୍ୟାନ କରିବା ସହ ରୋଗୀଙ୍କ ନିମନ୍ତେ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରିଛନ୍ତି। ସେହିପରି ଜିଲାପାଳ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସମସ୍ତ ଚିକିତ୍ସକଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଜିଲାପାଳଙ୍କ ଗସ୍ତ ବେଳେ ତହସିଲଦାର ଆଶିଷ କୁମାର ପ୍ରଧାନ, କୋଭିଡ ଦାୟିତ୍ୱରେ ଥିବା ମୋହନା ବ୍ଲକ ଓଏସଡି ରାଜା ରଞ୍ଜିତ ବଳ, କୋଭିଡ କେୟାର ସେଣ୍ଟର ଦାୟିତ୍ୱରେ ଥିବା ଯନ୍ତ୍ରୀ ହରିକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ଦିର ପ୍ରତିଷ୍ଠା ଉତ୍ସବ ବନ୍ଦ କଲା ପ୍ରଶାସନ



ଆଲୋଚନା ଚାଲିଛି।

**ଛତ୍ରପୁର,୬।୫(ଡି.ଏନ.ଏ.)**

ଛତ୍ରପୁର ବ୍ଲକ ଭିକାରୀପଲ୍ଲି ପଞ୍ଚାୟତ ଦନେଇ ବ୍ରହ୍ମପୁରରେ ସତ୍ୟ ନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆସନ୍ତା ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିଲା। ଏହି ଖବରପାଇ ଛତ୍ରପୁର ଥାନା ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ ଓ ତହସିଲଦାର ନୀଳମାଧବ ଭୋଇ ଗ୍ରାମରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। କୋଭିଡ କଟକଣାକୁ ଦୃଷ୍ଟିରେ ରଖି ପ୍ରତିଷ୍ଠା ଉତ୍ସବକୁ ସ୍ଥଗିତ ରଖିବାକୁ କହିଥିଲେ। ବର୍ତ୍ତମାନ ପରିସ୍ଥିତିରେ କୌଣସି ଧାର୍ମିକ କାର୍ଯ୍ୟକ୍ରମକୁ ଅନୁମତି ମିଳିବ ନାହିଁ। ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର କହିଥିଲେ। ତହସିଲଦାର ଓ ଥାନା ଅଧିକାରୀଙ୍କ ଆଦେଶ ମାନିବେ ବୋଲି ଗ୍ରାମ କମିଟି କହିବା ସହ କରୋନା କଟକଣା ଉଠିଲେ ମନ୍ଦିର ପ୍ରତିଷ୍ଠା କରାଯିବ ବୋଲି ଜଣାଇଥିଲେ।

## ୬ ଅମାନିଆଙ୍କୁ ଗୋଡ଼ାଇ ଧରିଲା ପୋଲିସ

ଛତ୍ରପୁର ପୋଲିସ ପକ୍ଷରୁ ଲକଡାଉନ ପାଇଁ କଡ଼ାକଡ଼ି ଯାଞ୍ଚ ଚାଲିଥିବା ସମୟରେ ଗୁରୁବାର ଦୁଇଟି ବାଇକରେ ୩ ଜଣ ଲେଖାଏ ୬ ଜଣ ଯାଉଥିଲେ। ପୋଲିସ ଦେଖି ସେମାନେ ଦ୍ରୁତ ଗତିରେ ପଳାଉଥିବା ବେଳେ ଥାନା ଅଧିକାରୀ ସେମାନଙ୍କ ପିଛା କରି କିଛି ଦୂରରେ କାବୁ କରିଥିଲେ। ବାଇକ ଆରୋହୀମାନେ ମାସ୍କ କି ହେଲମେଟ ପିନ୍ଧି ନ ଥିଲେ। ୬ ଜଣଙ୍କ ଠାରୁ ଜଣ ପିଛା ୫ଶହ ଟଙ୍କା ହିସାବରେ ୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

# କରୋନା ଆକ୍ରାନ୍ତ ୩ ଜଣଙ୍କ ମୃତ୍ୟୁ

**ବୁଗୁଡ଼ା,୬।୫(ଡି.ଏନ.ଏ.)**

କରୋନାରେ ଆକ୍ରାନ୍ତ ହୋଇଥିବା ୩ ଜଣଙ୍କ ମୃତ୍ୟୁ ଖବର ଆସିବା ପରେ ଗୁରୁବାର ବୁଗୁଡ଼ା ସହରରେ ଶୋକର ଛାୟା ଖେଳିଯାଇଛି। ଅରବିନ୍ଦ ନଗରରେ ରହୁଥିବା ଯୁବ ବ୍ୟବସାୟୀ ପ୍ରଣବ ପ୍ରକାଶଙ୍କ ଗୁରୁବାର ଭୋରରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ହୋଇଥିବା ବେଳେ ପୂର୍ବାହ୍ନରେ ସ୍ଥାନୀୟ ମୁଖ୍ୟ ସଡ଼କରେ ହୋମିଓପ୍ୟାଥି କ୍ଲିନିକ୍ କରିଥିବା ମନୋଜ କୁମାର ଚୌଧୁରୀଙ୍କ ବ୍ରହ୍ମପୁର ମେଡିକାଲରେ ମୃତ୍ୟୁ ହୋଇଥିଲା। ସେହିପରି ସୀମାଞ୍ଚଳ ମାର୍ଗରେ ରହୁଥିବା ପ୍ରଧାନଶିକ୍ଷକ ରଞ୍ଜନ ସେଠୀଙ୍କ ବୁଧବାର ବିଳମ୍ବିତ ରାତ୍ରରେ ବ୍ରହ୍ମପୁର ମେଡିକାଲରେ ପରଲୋକ ହୋଇଯାଇଛି।

# ହାତୀପଲଙ୍କ ଉପଦ୍ରବ



ହାତୀପଲ କୁଡିଆ ଭାଙ୍ଗି ଦେଇଛନ୍ତି।

**ପାତ୍ରପୁର,୬।୫(ଡି.ଏନ.ଏ)**

ସାମନ୍ତିଆପଲ୍ଲୀ ବନାଞ୍ଚଳ ଅଧୀନ ତୁରୁବୁଡ଼ି ଫରେଷ୍ଟ ବାଘଲଟି ଜଳ ଭଣ୍ଡାର ନିକଟ ଦ୍ୱିତୀୟାସାହି ଜଙ୍ଗଲରେ ହାତୀପଲ ଚଳପ୍ରଚଳ ହେଉଛନ୍ତି। ବୁଧବାର ରାତିରେ ୧୫ ଟିକିଆ ହାତୀପଲ ଆଖପାଖ ଅଞ୍ଚଳରେ ପରିବା ଚାଷ ଓ ଫଳ ବଗିଚ ନଷ୍ଟ କରିବା ସହ କୁଡିଆ ଘର ଭାଙ୍ଗିଥିବା ଅଭିଯୋଗ ହୋଇଛି। ହାତୀପଲ ବାଘଲଟି ନିକଟ କଣ୍ଟାକୁମୁଝୁରି ଗ୍ରାମର ଭାଗବତ ଦଳେଇ, କୃଷ୍ଣ ଦଳେଇ, ମାଳା ଶବର, ଦୀନବନ୍ଧୁ ଶବର, ଅର୍ଜୁନ ବିଷୋୟୀ ପ୍ରମୁଖଙ୍କ ବାଇଗଣ, କଲରା, ମକା, ମାଣ୍ଡିଆ, ପଣସ, କଦଳୀ ଗଛ ପ୍ରମୁଖ ନଷ୍ଟ କରିଥିବା ସେମାନେ ଅଭିଯୋଗ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ରମ୍ଭା ସହରରେ ରାସ୍ତାଘାଟ ଶୂନଶାନ୍

**ରମ୍ଭା,୬।୫**

କରୋନା ସଂକ୍ରମଣ ଚେନ୍ ଭାଙ୍ଗିବା ପାଇଁ ରାଜ୍ୟରେ ୧୪ ଦିନିଆ ଲକ୍‌ଡାଉନ ଲାଗୁ ହୋଇଛି। ଲକ୍‌ଡାଉନର ଦ୍ୱିତୀୟ ଦିନ ଗୁରୁବାର ରମ୍ଭା ସହରାଞ୍ଚଳଠାରୁ ଆରମ୍ଭ କରି ବିଭିନ୍ନ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଏହାର ପ୍ରଭାବ ପଡିଛି। ସମସ୍ତ ଦୋକାନ ବଜାର ମଧ୍ୟାହ୍ନ ୧୨ଟା ପରେ ବନ୍ଦ ରହିବା ସହ ରାସ୍ତାଘାଟ ମଧ୍ୟ ଶୂନଶାନ୍ ହୋଇଥିବା ଦେଖାଯାଇଥିଲା।



ଶୂନଶାନ୍ ରାସ୍ତା।

ସହରର ଉଭୟ ପ୍ରବେଶ ଓ ପ୍ରସ୍ଥାନ ପଥରେ ଚେକିଂ କରାଯାଉଛି। ଅମାନିଆଙ୍କୁ ସାବାଡ଼ କରିବା ପାଇଁ ପୋଲିସ କଡା ଆଭିମୁଖ୍ୟ ଗ୍ରହଣ କରିଛି।

# ଆଳୁ ପାଇଁ ଲମ୍ବାଧାଡ଼ି

**ହିଞ୍ଜିଳିକାଟୁ,୬।୫(ଡିଏନଏ):**

ହିଞ୍ଜିଳିକାଟୁ ସହରରେ ଲକଡାଉନ ଓ ସୀମିତ ସମୟ ପାଇଁ ବଜାର ଖୋଲା ଫଳରେ ଗତ ୨ଦିନ ଧରି ପରିବା ବଜାରରୁ ଆଳୁ ଉଭାନ ହୋଇଯାଇଛି। ଆଳୁ ସହ ପିଆଜର ଦର ଜାଣିଶୁଣି ବଢ଼ାଯାଇଛି ବୋଲି ବହୁ ଖାଉଟି ଅଭିଯୋଗ କରିଛନ୍ତି। ବୁଧବାର ପ୍ରଶାସନ ପକ୍ଷରୁ ଆଳୁ ପିଆଜ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର କଳାବଜାର କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଡ଼ାକବାଜି ଯନ୍ତ୍ରରେ ଘୋଷଣା ହୋଇଥିଲା। ପୌର ନିର୍ବାହୀ ଅଧିକାରୀ ମନୋରଞ୍ଜନ ସାହୁ ଓ ଯୋଗାଣ ଅଧିକାରୀ ପୁରଞ୍ଜୟ ସାହୁ କେତେକ ଗୋଦାମ ଓ ଦୋକାନରେ ଷ୍ଟକ ଯାଞ୍ଚ କରିଥିଲେ। ଲୋକଙ୍କ ମଧ୍ୟରେ ଗତ ୨ଦିନ ଧରି ଆଳୁକୁ ନେଇ ହୋଇଥିବା ହୋହଲ୍ଲା ପ୍ରଶମିତ ପାଇଁ ଗୁରୁବାର ପ୍ରଶାସନ ପକ୍ଷରୁ ଆରଏମସି ବଜାର ଦୋକାନ ଘରେ ମୁଣ୍ଡପିଛା କେଜିଏ ଆଳୁ ୧୭ଟଙ୍କାରେ ବିକ୍ରି କରାଯାଇଛି। ଆଳୁ କିଣିବା ପାଇଁ ଲୋକେ ଲମ୍ବା ଲାଇନ ଲାଗିଥିବା ଦେଖିବାକୁ ମିଳଥିଲା।

# ସଂକ୍ରମିତଙ୍କ ମୃତଦେହ ସତ୍କାର କଲେ ସ୍ୱେଚ୍ଛାସେବୀ

**ଆସିକା,୬।୫(ଡି.ଏନ.ଏ)**

ଆସିକା ବାବନପୁରସ୍ଥିତ କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ଜଣେ ବୟସ୍କ ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ମୃତକ ଜଣକ ଶେରଗଡ ବ୍ଲକ ଅଞ୍ଚଳର। ମୃତକଙ୍କ ପୁଅ ଓ ଅନ୍ୟ ଜଣେ ସମ୍ପର୍କୀୟ ମୃତଦେହକୁ ଗ୍ରାମକୁ ନେବାକୁ ଅନିଚ୍ଛା ପ୍ରକାଶ କରି ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ। ପରେ ପ୍ରଶାସନ ପକ୍ଷରୁ ମୃତଦେହର ସଂସ୍କାର ଲାଗି ବ୍ୟବସ୍ଥା କରାଯାଇଥିଲା। ବାବନପୁର ଗ୍ରାମର କେତେଜଣ ସ୍ୱେଚ୍ଛାସେବୀ ମୃତଦେହ ସତ୍କାର କରିଛନ୍ତି। ଆସିକା ତହସିଲଦାର ସଦାନନ୍ଦ ସେଠୀ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଡାକ୍ତରଖାନାରେ ପହଞ୍ଚିବା ପରେ ବାବନପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଅନିଲ କୁମାର ନାୟକଙ୍କ ନେତୃତ୍ୱରେ ସେହି ଗ୍ରାମର ସ୍ୱେଚ୍ଛାସେବୀ ଦିଲୀପ କୁମାର ନାୟକ, ପ୍ରଦୀପ ନାୟକ, କାହ୍ନା ନାୟକ, ପିପୁନ ପ୍ରଧାନ, ଆଦିତ୍ୟ ଜେନା ମୃତଦେହ ସତ୍କାର ପାଇଁ ଆଗେଇ ଆସିଥିଲେ। ସେମାନେ ପିପିଇ କିଟ ପିନ୍ଧି ସମସ୍ତ କାର୍ଯ୍ୟ କରିଥିଲେ।

# କୋଭିଡ୍ ହସ୍ପିଟାଲ ଶୀଘ୍ର ଖୋଲିବାକୁ ଦାବି



ଆରଏମ୍‌ସି କାର୍ଯ୍ୟାଳୟ ପରିସରରେ ଆଳୁ ବିକ୍ରି ବ୍ୟବସ୍ଥା କରାଯାଇଛି।

**ଭଞ୍ଜନଗର,୬।୫(ଡି.ଏନ୍.ଏ.)**

ଭଞ୍ଜନଗର ଉପଖଣ୍ଡରେ କରୋନା ସ୍ଥିତି ଅଣାୟତ ହେଲାଣି। ଅଧିକାଂଶ ସଂକ୍ରମିତ ଗୁରୁତର ହେବାପରେ ମେଡ଼ିକାଲକୁ ଆସୁଥିବାରୁ ବିପଦ ବଢୁଛି। ଭଞ୍ଜନଗର ଓ ଆସିକା ନିକଟସ୍ଥ ବାବନପୁରରେ ଥିବା ଡେଡ଼ିକେଟେଡ୍ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଭେଣ୍ଟିଲେଟର ଓ ଅନ୍ୟ ଅତ୍ୟାଧୁନିକ ଚିକିତ୍ସା ସୁବିଧା ନାହିଁ। ଭଞ୍ଜନଗର କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ୨ଦିନ ମଧ୍ୟରେ ୫ ଜଣଙ୍କ ମୃତ୍ୟୁ ଘଟିଲାଣି। ଗୁରୁବାର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧାପକ ନୃସିଂହ ଚରଣ ସୁଆରଙ୍କ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଛି। ଆର୍‌ସି ରୋଡ଼ର ଜଣେ ଯୁବ ବ୍ୟବସାୟୀ, ଟିଳିସିଙ୍ଗି ବିଦ୍ୟୁତ୍ ସେକ୍ସନର ଜଣେ କର୍ମଚାରୀ ମଧ କରୋନା ଆକ୍ରାନ୍ତ ହୋଇ ଥିବାରୁ ମୃତ୍ୟୁ ଘଟିଛି। ଏଭଳି ସ୍ଥିତିରେ ତୁରନ୍ତ ଭଞ୍ଜନଗର ଓ ଆସିକାଠାରେ କୋଭିଡ୍ ହସ୍ପିଟାଲ ଖୋଲିବା ପାଇଁ ସାଧାରଣରେ ଦାବି ହେଉଛି। କରୋନାର ପ୍ରଥମ ଲହର ସମୟରେ ଭଞ୍ଜନଗର ଓ ଆସିକାରେ କିମ୍ସ ଏବଂ ସମ୍ ପକ୍ଷରୁ କୋଭିଡ୍ ହସ୍ପିଟାଲ ଖୋଲିବା ପାଇଁ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଅନୁରୋଧକ୍ରମେ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। କିନ୍ତୁ ହସ୍ପିଟାଲ ଖୋଲିବାରେ ବିଳମ୍ବ ଓ ଆକ୍ରାନ୍ତଙ୍କ ସଂଖ୍ୟା କମିବାରୁ ଏହା କାର୍ଯ୍ୟକାରୀ ହୋଇପାରିନଥିଲା। ବର୍ତ୍ତମାନ ସ୍ଥିତି ଖରାପ ଆଡ଼କୁ ଯାଉଥିବାରୁ ତୁରନ୍ତ ଉକ୍ତ ଦୁଇ ସ୍ଥାନରେ କୋଭିଡ୍ ହସ୍ପିଟାଲ ଖୋଲିବା ଜରୁରୀ ହୋଇପଡ଼ିଛି। ଅନ୍ୟପକ୍ଷରେ ଲକ୍‌ଡ଼ାଉନ ଯୋଗୁ ଆଳୁର କଳାବଜାର ରୋକିବା ପାଇଁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ବୁଧବାର ରାତିରେ ଏକ ଆଳୁ ବୋଝେଇ ଟ୍ରକକୁ ଜାମପଲ୍ଲୀ ନିକଟରୁ ଜବତ କରାଯାଇଛି। ଗୁରୁବାର ସ୍ଥାନୀୟ ଆରଏମ୍‌ସି କାର୍ଯ୍ୟାଳୟ ପରିସରରେ ପ୍ରଶାସନ ପକ୍ଷରୁ ଆଳୁ କେଜି ୧୮ ଟଙ୍କାରେ ବିକ୍ରି ବ୍ୟବସ୍ଥା କରାଯାଇଛି। ଚଢ଼ାଦରରେ କେହି ଆଳୁ ବିକ୍ରି କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଭଞ୍ଜନଗର ଏନ୍‌ଏସିର ସରକାରୀ ଡ଼ିଲରଙ୍କ ମାଧ୍ୟମରେ ମଧ୍ୟ ଆଳୁ ବିକ୍ରି ବ୍ୟବସ୍ଥା କରାଯାଇଥିବା ଉପଖଣ୍ଡ ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା କହିଛନ୍ତି।

# ଅବକାରୀ କାର୍ଯ୍ୟାଳୟ କୋଠା ନିର୍ମାଣ ଲାଗି ଜମି ଚିହ୍ନଟ

**ଆର.ଉଦୟଗିରି,୬।୫(ଡି.ଏନ.ଏ.)**

ଆର.ଉଦୟଗିରି ସହରରେ ବହୁ ବର୍ଷ ଧରି ଏକ ନିର୍ଦ୍ଦିଷ୍ଟ ସରକାରୀ କୋଠାରେ ଅବକାରୀ କାର୍ଯ୍ୟାଳୟ ଚାଲୁଥିଲା। କିନ୍ତୁ ଉକ୍ତ ସରକାରୀ କୋଠା ଜରାଜୀର୍ଣ୍ଣ ଭାବେ ଭଗ୍ନ ଅବସ୍ଥାରେ ପରିଣତ ହୋଇଛି। ଫଳରେ ସେହି କୋଠା ନିର୍ମାଣ ହୋଇ ନ ପାରିବାରୁ ବାଧହୋଇ ଅବକାରୀ କାର୍ଯ୍ୟାଳୟର ଅଧିକାରୀମାନେ ଆର.ଉଦୟଗିରି ସହରର ବଜାର ମଧ୍ୟରେ ଥିବା ଏକ କୋଠା ଘରକୁ ଭଡ଼ା ଆକାରରେ ନେଇ ଅସ୍ଥାୟୀ ଭାବେ ନିଜ କାର୍ଯ୍ୟାଳୟ ଚାଲୁଛି। କିନ୍ତୁ ଦୁଇ ଦିନ ତଳେ ଉକ୍ତ ପୁରୁଣା ଭଙ୍ଗା କୋଠାରୁ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ଜବତ ସାମଗ୍ରୀ ଚୋରି କରି ନେଇ ଯାଇଥିବାରୁ ଅବକାରୀ ବିଭାଗ ତତ୍ପରତା ଦେଖାଇଛି। ବୁଧବାର ଆର.ଉଦୟଗିରି ତହସିଲଦାର ସ୍ମୃତିରଞ୍ଜନ ଶତପଥୀଙ୍କ ସମେତ ରାଜସ୍ୱ ଅଧିକାରୀମାନେ ଆସି ଅବକାରୀ କାର୍ଯ୍ୟାଳୟ କୋଠାଲାଗି ଜମି ଚିହ୍ନଟ କରିଥିଲେ। ଉକ୍ତ ଜମି ଆର.ଉଦୟଗିରିସ୍ଥିତ ହାଟପଦା ନିକଟରେ ଥିବା ଅନ୍ନପୂର୍ଣ୍ଣା ଢାବା ସାମ୍ନାରେ ଥିବା ଏକ ଜମିକୁ ଅବକାରୀ କାର୍ଯ୍ୟାଳୟ ଲାଗି ଚିହ୍ନଟ କରାଯାଇଥିଲା।

# ଲକ୍‌ଡାଉନ ସ୍ଥିତି ଅନୁଧ୍ୟାନ କଲେ ଏସ୍‌ପି



ଅନୁଧ୍ୟାନ କରୁଛନ୍ତି ଏସପି।

**ଗଞ୍ଜାମ,୬।୫(ଡି.ଏନ.ଏ.)**

ଲକ୍‌ଡାଉନ୍‌ର ଦ୍ୱିତୀୟ ଦିନ ଗୁରୁବାର ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଗଞ୍ଜାମ ଓ ରମ୍ଭା ସହର ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏସ୍‌ପି ଗଞ୍ଜାମ ସହରରେ ଆଇଆଇସି ଦିଲୀପ କୁମାର ସାହୁ ଏବଂ ରମ୍ଭା ସହରରେ ଆଇଆଇସି କୃଷ୍ଣ ଚନ୍ଦ୍ର ସେଠୀଙ୍କ ସହ ଆଲୋଚନା କରିବା ସହ କୋଭିଡ ନିୟମ ଅବମାନନା କରୁଥିବା ଅମାନିଆମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଏସଡିପିଓ ଗୌତମ କିଷାନ ମଧ୍ୟ ଗଞ୍ଜାମ ସହର ସ୍ଥିତ ତ୍ରିବେଣୀ ମଠ ଛକରେ ଲକଡାଉନ ସ୍ଥିତି କିପରି ରହିଛି ଅନୁଧ୍ୟାନ କରିବା ସହ ସ୍ଥାନୀୟ ପୋଲିସ ସହ ଆଲୋଚନା କରିଛନ୍ତି। ଉଭୟ ସହରରେ ପୋଲିସ ପକ୍ଷରୁ ବଜାର ଘାଟରେ ବିନା କାରଣରେ ବୁଲୁଥିବା ବାଇକ ଚାଳକଙ୍କଠାରୁ ଦଣ୍ଡ ଆଦାୟ କରାଯିବା ସହ ବିନା ମାସ୍କ ଓ ସାମାଜିକ ଦୂରତାକୁ ମାନୁନଥିବା ଲୋକଙ୍କୁ ତାଗିଦ କରାଯାଉଥିବା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ଟିକା ନାହିଁ, ବରିଷ୍ଠ ନାଗରିକ ନିରାଶ

ରାଇକିଆ,୬।୫(ଡି.ଏନ୍.ଏ.)-ପ୍ରଥମ ଡୋଜ୍ କରୋନା ଟିକା ନେବାର ପ୍ରାୟ ୨ ମାସ ବିତିଲାଣି। ଦ୍ୱିତୀୟ ଡୋଜ୍ ପାଇଁ ରାଇକିଆ ଅଞ୍ଚଳର ବରିଷ୍ଠ ନାଗରିକମାନେ ମେଡିକାଲ ଦୌଡ଼ି ନୟାନ୍ତ ହେଲେଣି। ୬୦ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ଅଗ୍ରାଧିକାର ଭିତ୍ତିରେ ଟିକାକରଣ କରାଯାଇଥିଲା । ପ୍ରଥମ ଡୋଜ୍ ନେବାର ୨୮ ଦିନ ପରେ ଦ୍ୱିତୀୟ ଡୋଜ୍ ଟିକା ନେବାକୁ କୁହାଯାଇଥିଲା। ପରେ ୪୫ ଦିନ ପରେ ଦ୍ୱିତୀୟ ଡୋଜ୍ ନେବାକୁ କୁହାଗଲା। ଇତିମଧ୍ୟରେ ଦୁଇମାସ ବିତିଥିଲେ ମଧ୍ୟ ବରିଷ୍ଠ ନାଗରିକ ଆଉ ଦ୍ୱିତୀୟ ଡୋଜ୍ ଟିକା ନେଇ ପାରୁନାହାଁନ୍ତି। ଟିକା କେବେ ଆସିବ, କେବେ ଦିଆଯିବ ସେ ନେଇ କୌଣସି ସୂଚନା ମିଳୁନାହିଁ। ଗୋଟିଏ ପଟେ କୋଭିଡ୍ ସଂକ୍ରମଣର ଭୟ, ଲକ୍‌ଡାଉନ ଚାଲିଥିବା ବେଳେ ଟିକା ନ ମିଳିବା ବରିଷ୍ଠ ନାଗରିକଙ୍କୁ ନିରାଶ କରିଛି। ଏ ନେଇ ସିଡିଏମଓ ରାଜ୍ୟଶ୍ରୀ ପଟ୍ଟନାୟକ କହିଛନ୍ତ, ରାଜ୍ୟସ୍ତରରୁ ଟିକା ଆସିବାରେ ବିଳମ୍ବ ହେଉଛି। କେବେ ସୁଦ୍ଧା ଆସିବ ନିର୍ଦ୍ଦିଷ୍ଟ ଭାବେ ସୂଚନା ନ ଥିବା କହିଛନ୍ତି ।

### ବିବାହ ଭୋଜି ବନ୍ଦ କଲେ ତହସିଲଦାର

ଶେରଗଡ଼,୬।୫(ଡି.ଏନ୍.ଏ.)- ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ କରି ଚାଲିଥିବା ଏକ ବିବାହ ଭୋଜି ଓ ପ୍ରୋଶେସନ ବନ୍ଦ କରିବା ସହ ୧୫ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ଗୁରୁବାର ହାଡିଚିରା ଗ୍ରାମରେ ଏକ ବିବାହ ଭୋଜି ପ୍ରସ୍ତୁତି ଚାଲିଥିବା ଖବର ମିଳିବା ପରେ ତହସିଲଦାର ସେଠାରେ ପହଞ୍ଚି ଭୋଜି ବନ୍ଦ କରିଥିଲେ। ଏଥିସହ ଭୋଜି ଆୟୋଜକଙ୍କଠାରୁ ୫ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ସେହିପରି ଖମାରରେ ଏକ ବିବାହ ପ୍ରୋଶେସନ ଚାଲିଥିବା ବେଳେ ତହସିଲଦାର ପହଞ୍ଚି ତାହାକୁ ବନ୍ଦ କରିବା ସହ ୧୦ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ଚଢ଼ାଉରେ ଧରାକୋଟ ପୋଲିସ ସମେତ ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ ପ୍ରମୁଖ ସାମିଲ ଥିଲେ। ଅନ୍ୟପକ୍ଷରେ ଲକ୍‌ଡାଉନ ସମୟରେ ବ୍ୟବସାୟୀମାନେ ଆଳୁ , ପିଆଜ ତଥା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଚଢ଼ାଦରରେ ବିକୁଥିବା ଖବର ମିଳିବା ପରେ ପ୍ରଶାସନ ଓ ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ଏକ ସଚେତନତା ସଭା ହୋଇଯାଇଛି। ଏଥିରେ ତହସିଲଦାର ପରିଡା ଅଧକ୍ଷତା କରିଥିଲେ। ବ୍ଲକ ଯୋଗାଣ ନିରୀକ୍ଷକ ସଞ୍ଜୟ କୁମାର ପ୍ରଧାନ ଓ ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ ବଜାର ଛକରେ ବ୍ୟବସାୟୀଙ୍କୁ ଚଢ଼ାଦରରେ ଜିନିଷ ନ ବିକିବାକୁ ସତର୍କ କରାଇ ଦେଇଛନ୍ତି।

### ପୋଲିସ ପକ୍ଷରୁ ଗାଡ଼ି ଯାଞ୍ଚ

ନୂଆଗଡ଼,୬।୫- ଗଜପତି ଜିଲା ନୂଆଗଡ ବ୍ଲକ ଖଜୁରିପଦା ଫାଣ୍ଡି ଅନ୍ତର୍ଗତ ବଦପଦା, ଖ.ଝାଲରସିଂ ସମେତ ଖଜୁରିପଦା ଗ୍ରାମ ପଞ୍ଚାୟତରେ ସରକାରଙ୍କ ନିୟମ ଅନୁଯାୟୀ କୋରନା କଟକଣାକୁ ମାନି ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। କୋରନା ସଂକ୍ରମଣରୁ ରକ୍ଷା ନିମନ୍ତେ ଗୁରୁବାର ମଧ୍ୟାହ୍ନଠାରୁ ସମସ୍ତ ଦୋକାନ ବଜାର ବନ୍ଦ କରାଯାଇଥିଲା। ଏହି ସମୟରେ ଗାଡ଼ି ମଟର ଚଳାଚଳ କରୁଥିବା ବେଳେ ପୋଲିସ ପ୍ରଶାସନ ଦ୍ୱାରା ଗାଡି ଯାଞ୍ଚ ସହିତ କୋରନାରୁ ରକ୍ଷା ପାଇବା ପାଇଁ ସର୍ବଦା ମାସ୍କ ପରିଧାନ ଓ ସାନିଟାଇଜର ବ୍ୟବହାର କରିବା ପାଇଁ ସଚେତନତା କରାଯାଇଥିଲା।

# ଦାବି ପୂରଣ ନ ହେଲେ ଇସ୍ତଫା ଚେତାବନୀ

## ପ୍ରାଣୀ ଚିକିତ୍ସକଙ୍କୁ କନିଷ୍ଠ ପ୍ରଥମ ଶ୍ରେଣୀ ମାନ୍ୟତା ଦାବି

ବ୍ରହ୍ମପୁର ଅଫିସ,୬।୫

ରାଜ୍ୟରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକ ପଦବୀକୁ କନିଷ୍ଠ ପ୍ରଥମ ଶ୍ରେଣୀ ମାନ୍ୟତା ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ସମସ୍ତ ପ୍ରାଣୀ ଚିକିତ୍ସକ ନିଜ ନିଜ ପଦବୀରୁ ଇସ୍ତଫା ଦେବେ ବୋଲି ରାଜ୍ୟ ପ୍ରାଣୀ ଚିକିତ୍ସକ ସେବା ସଂଘ ଗଞ୍ଜାମ ଜିଲା ଶାଖା ଚେତାବନୀ ଦେଇଛି। ସଂଘ ପକ୍ଷରୁ ଏପ୍ରିଲ ୧ ତାରିଖଠାରୁ କଲମ ଛାଡ଼ ଆନ୍ଦୋଳନ ଜାରି ରହିଛି। ଚଳିତ ମାସ ୧୫ ତାରିଖରୁ ରାଜ୍ୟର ସମସ୍ତ ପ୍ରାଣୀ ଚିକିତ୍ସକ ଅନିର୍ଦ୍ଦିଷ୍ଟ କାଳ ଯାଏ ଛୁଟିରେ ଯିବା ନେଇ ଗୁରୁବାର ସଂଘ ପକ୍ଷରୁ ବ୍ରହ୍ମପୁର ପ୍ରାଣୀ ଚିକିତ୍ସାଳୟ କେନ୍ଦ୍ରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସଂଘ ଗଞ୍ଜାମ ଜିଲା ସଂଯୋଜକ ଡା.କିରଣ କୁମାର ବିଶୋୟୀ ଯୋଗଦେଇ କହିଛନ୍ତି, ଏହି କଲମ ଛାଡ଼ ଆନ୍ଦୋଳନ ସମୟରେ ଚିକିତ୍ସାଳୟ ପରିସର ଓ କର୍ମ ନିର୍ଘଣ୍ଟ ମଧ୍ୟରେ ପ୍ରାଣୀ ଚିକିତ୍ସାରେ କୌଣସି ଅବହେଳା ନ କରି ଚାଷୀ ଭାଇ ଭଉଣୀଙ୍କୁ ଉପଯୁକ୍ତ ସେବା ପ୍ରଦାନ କରାଯାଉଛି। କେବଳ ସରକାରୀ ଛୁଟି ଦିନ ମାନଙ୍କରେ ଚିକିତ୍ସାଳୟ ବନ୍ଦ ରଖିବା ନେଇ ନିଷ୍ପତ୍ତି ହୋଇଥିବା ଡା. ବିଶୋୟୀ କହିଛନ୍ତି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଂଘର କର୍ମକର୍ତ୍ତା ବୃନ୍ଦ।

ବିଭାଗୀୟ ମନ୍ତ୍ରୀ, ସଚିବ ତଥା ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା ପରେ ମଧ୍ୟ କୌଣସି ସମାଧାନ ହୋଇପାରି ନ ଥିବା ସଂଘ କହିଛି। ରାଜ୍ୟ ସରକାର ଦାବି ପୂରଣ ପରିବର୍ତ୍ତେ କର୍ମଚାରୀଙ୍କ ପ୍ରତି ଅଣଦେଖା କରି ମାତ୍ରାଧିକ କାର୍ଯ୍ୟଭାର ଲଦି ଦେଉଥିବା ସଂଘ ଅଭିଯୋଗ କରିଛି। ଏଣୁ ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ। ଆସନ୍ତା ୨୫ ତାରିଖରେ ରାଜ୍ୟରେ କାର୍ଯ୍ୟରତ ସମସ୍ତ ପ୍ରାଣୀ ଚିକିତ୍ସକ ନିଜ ନିଜ କାର୍ଯ୍ୟରୁ ସମୂହ ଇସ୍ତଫା ଦେବେ ବୋଲି ସଂଘ ପ୍ରକାଶ କରିଛି। ସମ୍ମିଳନୀରେ ସଂଘ ଜିଲା ପ୍ରତିନିଧି ଡା.ମାନସ ରଞ୍ଜନ ପଲାଇଙ୍କ ସମେତ ଡା.ପତିତପାବନ ରଥ, ଡା.ତପସ୍ୱିନୀ ନାୟକ, ଡା.ପ୍ରଭୁଦତ୍ତ ଦାଶ, ଡା.ଚିତ୍ତ ରଞ୍ଜନ ପଣ୍ଡା ଓ ଡା.ସିଦ୍ଧାର୍ଥ ଶଙ୍କର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗଜପତିରେ ପୁଣି ୧୦୮ ସଂକ୍ରମିତ


ପାତାପାଟାନାମ ନାକା ପଏଣ୍ଟରେ ଉପଜିଲାପାଳ ଅନୁଧ୍ୟାନ କରୁଛନ୍ତି।

ପାରଳାଖେମୁଣ୍ଡି, ୬।୫ (ଡି.ଏନ୍.ଏ.)

ଲକ୍‌ଡାଉନ୍‌ର ଦ୍ୱିତୀୟ ଦିନ ଗୁରୁବାର ମଧ୍ୟ ଗଜପତି ଜିଲା ଖାଁ ଖାଁ ରହିଥିଲା। ଜିଲା ସଦର ମହକୁମା ପାରଳାଖେମୁଣ୍ଡି ପୌରାଞ୍ଚଳର ସମସ୍ତ ଦୋକାନ ବଜାର ମଧ୍ୟାହ୍ନ ୧୨ଟରୁ ବନ୍ଦ ହୋଇଯାଇଥିଲା। ଅତ୍ୟାବଶ୍ୟକ ସେବା ଜାରି ରହିଥିଲା। ଅନ୍ୟପଟେ ଜିଲାରେ ଆଉ ୧୦୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ଗୁରୁବାର ସୂଚନା ଦିଆଯାଇଛି। ଜିଲାରେ ପ୍ରଥମ ଓ ଦ୍ୱିତୀୟ ଲହରରେ ଏ ପର୍ଯ୍ୟନ୍ତ ୫୯୮୩ ଜଣ ସଂକ୍ରମିତ ହେଲେଣି। ସେଥିମଧ୍ୟରୁ ୫୦୦୧ ଜଣ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ପ୍ରାୟ ୯୮୨ ଜଣ ସକ୍ରିୟ ରୋଗୀ ଚିକିତ୍ସାଧନ ଓ ସଙ୍ଗରୋଧରେ ରହିଛନ୍ତି । ନୂଆ ସଂକ୍ରମିତଙ୍କ ମଧ୍ୟରେ ପାରଳାଖେମୁଣ୍ଡି ସହରରୁ ସର୍ବାଧିକ ୪୮ ଜଣ ଚିହ୍ନଟ ହୋଇଛନ୍ତି। ପୌରପାଳିକାର ୧୦ ନମ୍ବର ୱାର୍ଡ ବକ୍ସି ସାହିରୁ ଅଧିକ ମାମଲା ଚିହ୍ନଟ ହେବା ପରେ ଜିଲା ପ୍ରଶାସନ ତରଫରୁ

## ପାରଳାଖେମୁଣ୍ଡି ବକ୍ସିସାହି କଣ୍ଟେନମେଣ୍ଟ

ଏହାକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି ।

ସଂକ୍ରମଣ ରୋକିବାକୁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ବେଳେ ଆନ୍ଧ୍ର-ଓଡିଶା ସୀମାର ଅନେକ ସ୍ଥାନରେ ନାକା ପଏଣ୍ଟରେ କଡାକଡି ଯାଞ୍ଚ କରାଯାଉଛି। ପାତାପାଟାନାମ-ପାରଳାଖେମୁଣ୍ଡି ସୀମାନ୍ତ ନାକା ପଏଣ୍ଟରେ ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ଓ ତହସିଲଦାର ଅଚ୍ୟୁତ କୁମାର ଜାନିଙ୍କ ଉପସ୍ଥିତିରେ ପୋଲିସ ଯାତାୟତ କରୁଥିବା ଯାତ୍ରୀମାନଙ୍କୁ ଚିକିନିଖି ଯାଞ୍ଚ କରାଯାଇଛି। ମହେନ୍ଦ୍ରତନୟା ନଦୀ ମାଧ୍ୟମରେ ଗଳାବଟ ଦେଇ ପାରଳାଖେମୁଣ୍ଡି ଯାତାୟାତ ରାସ୍ତାକୁ ପ୍ରଶାସନ ପକ୍ଷରୁ ଚିହ୍ନଟ କରିବା ସହ ଉକ୍ତ ଗଳାବାଟକୁ ବନ୍ଦ କରିବା ନିମନ୍ତେ ଜିଲାପାଳ ଅନୁପମ ସାହା ନିର୍ଦ୍ଦେଶ ଦେଇଛନ୍ତି ।

# ବ୍ରହ୍ମପୁରରେ ପୋଲିସ ଯାଞ୍ଚ କଡ଼ାକଡ଼ି

ବ୍ରହ୍ମପୁର ଅଫିସ,୬।୫

କରୋନା ପାଇଁ ରାଜ୍ୟବ୍ୟାପୀ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଜରୁରି କାମ ବ୍ୟତୀତ ଘରୁ ନ ବାହାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ପୋଲିସ ତରଫରୁ ଯାଞ୍ଚ ଜୋରଦାର କରାଯାଇଛି। ବ୍ରହ୍ମପୁର ସହରର ବିଭିନ୍ନ ପ୍ରବେଶ ପଥ ଓ ଛକରେ ପୋଲିସ ଟିମ୍ ଜଗି ରହିଛି। ଲକ୍‌ଡାଉନ୍ ସମୟରେ ଗତ ୫ ତାରିଖ ସକାଳଠାରୁ ଗୁରୁବାର ସକାଳ ପର୍ଯ୍ୟନ୍ତ ୨୪ଘଣ୍ଟା ମଧ୍ୟରେ ୨୬୩ ଗାଡ଼ି ଚାଳକଙ୍କୁ ୧ଲକ୍ଷ ୩୧ହଜାର ୫ଶହ ଟଙ୍କାର ଇ-ଚାଲାନ୍ କରାଯାଇଛି। ଗୁରୁବାର ମଧ୍ୟ ସହରରେ ଯାଞ୍ଚ ଜୋରଦାର କରାଯାଇଛି। ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପରିବା ଓ ରାଶନ୍ ସାମଗ୍ରୀ କିଣିବା ପାଇଁ ଅନୁମତି ଦିଆଯାଇଛି। ମଧ୍ୟାହ୍ନ ୧୨ଟା ପରେ ଦୋକାନ ବଜାର ବନ୍ଦ ରହୁଛି। ତଥାପି କେତେକ ନିୟମ ନ ମାନି ସହରରେ ଘୁରି ବୁଲୁଛନ୍ତି। ଏମାନଙ୍କୁ ପୋଲିସ ସାବାଡ଼ କରୁଛି। ଗତ ୨୪ଘଣ୍ଟା ମଧ୍ୟରେ ବ୍ରହ୍ମପୁର ପୋଲିସ ତରଫରୁ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ଲୋକଙ୍କଠାରୁ ୩୫ହଜାର ୨ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ସାମାଜିକ ଦୂରତା ଉଲ୍ଲଂଘନ ଅଭିଯୋଗରେ ୫ହଜାର ଶହେ ଟଙ୍କା ଓ ୧୦ନାଇଟ୍ କର୍ଫ୍ୟୁ ଉଲ୍ଲଂଘନ ମାମଲାରେ ୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ନିୟମ ଉଲ୍ଲଂଘନ କରିଥିବା ୧୦ ଦୋକାନ ସିଲ୍ କରି ୫ ହଜାର ୪ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିଭଳି ମୋଟ ୭୯ଲିଟର୍ ମଦ ଜବତ କରାଯାଇଥିବା ବ୍ରହ୍ମପୁର ଏସପି ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି।


ପୋଲିସ ପକ୍ଷରୁ ଜରିମାନା ଆଦାୟ ।

## ୧.୩୧ ଲକ୍ଷ ଜରିମାନା

# ଗିରିସୋଲା ଚେକ୍ ପୋଷ୍ଟ ପରିଦର୍ଶନ କଲେ ଏସ୍‌ପି

ବ୍ରହ୍ମପୁର ଅଫିସ,୬।୫

ଆନ୍ଧ୍ର ଓ ତେଲେଙ୍ଗାନାରେ ଦେଖାଦେଇଥିବା ନୂଆ ପ୍ରଜାତିର କରୋନା ଭୂତାଣୁ ଯୋଗୁ ଏବେ ଓଡ଼ିଶା ସରକାରଙ୍କ ଚିନ୍ତା ବଢ଼ିଯାଇଛି। ଏହି ଭୂତାଣୁର ସଂକ୍ରମଣ କ୍ଷମତା ଅଧିକ ଥିବାରୁ ସତର୍କ ରହିବା ପାଇଁ ବିଶେଷଜ୍ଞମାନେ କହୁଛନ୍ତି। ସେଥିପାଇଁ ଆନ୍ଧ୍ର ଓ ତେଲେଙ୍ଗାନାରୁ ଓଡ଼ିଶା ଆସୁଥିବା ପ୍ରବାସୀଙ୍କୁ ସଙ୍ଗରୋଧରେ ରହିବା ପାଇଁ ବାଧ୍ୟତାମୂଳକ କରାଯାଇଛି। ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଗିରିସୋଲା ଠାରେ ବ୍ରହ୍ମପୁର ପୋଲିସ ତରଫରୁ ବର୍ଡ଼ର ଚେକ୍ ପୋଷ୍ଟ କରାଯାଇ ଯାଞ୍ଚ କଡ଼ାକଡ଼ି କରାଯାଉଛି। ଗୁରୁବାର ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଏହି ଚେକ୍ ପୋଷ୍ଟ ପରିଦର୍ଶନ କରି ପୋଲିସ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ତରଫରୁ ଜାରି କରାଯାଇଥିବା ଗାଇଡ୍‌ଲାଇନ୍ କଡ଼ାକଡ଼ି ପାଳନ କରିବା ପାଇଁ ଏସ୍‌ପି ପୋଲିସ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆନ୍ଧ୍ର ଓ ତେଲେଙ୍ଗାନାରୁ ଗଞ୍ଜାମ ଜିଲାକୁ ଆସି ୧୪ ଦିନ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ବାଧ୍ୟତାମୂଳକ କରାଯାଇଛି। ଏହି ସମୟରେ ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ମଧ୍ୟ ସେଠାରେ ଉପସ୍ଥିତ ଥିଲେ।

# ଆଳୁ, ପିଆଜ ସୁଲଭ ମୂଲ୍ୟରେ ବିକ୍ରି ନିର୍ଦ୍ଦେଶ

ଛତ୍ରପୁର, ୬।୫ (ଡି.ଏନ୍.ଏ.)

ଲକ୍‌ଡାଉନ୍ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀର ବେଆଇନ ମହଜୁଦ ଓ କଳାବଜାର ଉପରେ ଗଞ୍ଜାମ ଜିଲା ପ୍ରଶାସନ କଡା ନଜର ରଖିଛି। ଏଥିନିମନ୍ତେ ଯାଞ୍ଚ ବ୍ୟବସ୍ଥାକୁ କଡାକଡି କରିବା ପାଇଁ ୪ଟି ଟିମ୍ ଗଠନ କରାଯିବା ସହିତ ଆଳୁ ଓ ପିଆଜ ସୁଲଭ ମୂଲ୍ୟରେ ବିକ୍ରି କରିବା ପାଇଁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆଳୁ, ପିଆଜ ସମସ୍ତ ବ୍ଲକ ଏବଂ ସହରାଞ୍ଚଳରେ ବିଭିନ୍ନ ଫେୟାର ପ୍ରାଇସ ସପ ମାଧ୍ୟମରେ ଗୁରୁବାରଠାରୁ ସୁଲଭ ମୂଲ୍ୟରେ ବଣ୍ଟନ କରାଯାଇଛି। ବ୍ରହ୍ମପୁର ମହାନଗରରେ ସୁଲଭ ମୂଲ୍ୟରେ ବିକ୍ରି କରିବା ସକାଶେ ୮୪ ଜଣ ବିକ୍ରେତାଙ୍କୁ ଦାୟିତ୍ୱ ଦିଆଯାଇଛି । ତନ୍ମଧ୍ୟରୁ ୨୫ ଜଣ ବିକ୍ରେତା ପ୍ରଥମ ଦିନ ବିକ୍ରିବଟା କରିଛନ୍ତି । ଗୁରୁବାର ହୋଲସେଲ ବିକ୍ରି ନିମନ୍ତେ ୬୩ କୁଇଣ୍ଟାଲ ଆଳୁ ଏବଂ ୩୧ କୁଇଣ୍ଟାଲ ପିଆଜ ଉଠାଯାଇଛି । ସେଥିରୁ ୩୬ କୁଇଣ୍ଟାଲ ୪୦ କି.ଗ୍ରା. ଆଳୁ ଏବଂ ୧୪ କୁଇଣ୍ଟାଲ ୧୦ କି.ଗ୍ରା. ପିଆଜ ବିକ୍ରି ହୋଇଛି । ମୋଟ ୨୮୦ ଜଣ ଆଳୁ କିଣିଥିବା ବେଳେ ୧୨୩ ଜଣ ପିଆଜ କିଣିଛନ୍ତି । ବଜାର ଦର ଅନୁସାରେ ଆଳୁ କୁଇଣ୍ଟାଲ ପ୍ରତି ୧୨୪୦ ଟଙ୍କା ଏବଂ ପିଆଜ କୁଇଣ୍ଟାଲ ପ୍ରତି ୧୭୫୦ ଟଙ୍କା ହୋଲସେଲ ଦର ରହିଛି । ବ୍ରହ୍ମପୁର ମହାନଗରରେ ଆଳୁ କି.ଗ୍ରା. ପ୍ରତି ୧୮ ଟଙ୍କା ଏବଂ ପିଆଜ କି.ଗ୍ରା. ପ୍ରତି ୨୩ ଟଙ୍କାରେ ବିକ୍ରି କରାଯାଇଥିବା ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଶଙ୍କର ପତି ଜଣାଇଛନ୍ତି।

# ସାନଖେମୁଣ୍ଡି ବ୍ଲକରେ ପିଡିଙ୍କ ସ୍ମାର୍ଟ କ୍ଲାସ ଭିତ୍ତିଭୂମି ତଦାରଖ

ଦିଗପହଣ୍ଡି, ୬।୫ (ଡି.ଏନ.ଏ.)

ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରୟ ଭାଉ ସାହେବ ଗୁରୁବାର ସାନଖେମୁଣ୍ଡି ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମୋ ସ୍କୁଲ ଅଭିଯାନର ସଫଳ ରୂପାୟନ ପାଇଁ ରାଜ୍ୟ ସରକାର ସ୍ମାର୍ଟ କ୍ଲାସକୁ ଅଗ୍ରାଧିକାର ଦେଇଛନ୍ତି। କିଭଳି ଛାତ୍ରୀ ଛାତ୍ର ମାନେ ଘରୋଇ ସ୍କୁଲ ମୁହାଁ ନ ହୋଇ ସରକାରୀ ସ୍କୁଲ ଗୁଡ଼ିକରେ ସମସ୍ତ ର ସୁବିଧା ସୁଯୋଗ ପାଇପାରିବେ ତାହା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ସାନଖେମୁଣ୍ଡି ବ୍ଲକରେ ୨୬ ହାଇସ୍କୁଲ ରହିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୬ ସ୍କୁଲକୁ ଚିହ୍ନଟ କରାଯାଇ ସ୍ମାର୍ଟ କ୍ଲାସ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି। ଏଠାରେ ଶିକ୍ଷାର ମାନ ବୃଦ୍ଧି ହେବ। ପ୍ରତି ସ୍କୁଲ ପିଛା ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଛି। ପିଡି ବ୍ଲକର ପୋଡାମାରି, ପାଟପୁର, ଏରେଣ୍ଡ୍ରା, ଖଲିଙ୍ଗୀ, କଙ୍କୋରଡ଼ା ,ଏସ. ଗୋପାଳପୁର ହାଇସ୍କୁଲ ବୁଲି ଦେଖିଥିଲେ। ଗସ୍ତ ବେଳେ ସାନଖେମୁଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗାୟତ୍ରୀ ଦତ୍ତ ନାୟକ, ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ବସନ୍ତ ପଣ୍ଡା,ବ୍ଲକ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



ପିଡି ସ୍କୁଲ ଭିତ୍ତିଭୂମି ଅନୁଧ୍ୟାନ କରୁଛନ୍ତି।

# କରୋନା ଭୟରେ ଆସିଲେନି ପରିବାର

## ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ମୃତଦେହ ସଂସ୍କାର

ବୁଗୁଡ଼ା, ୬।୫ (ଡି.ଏନ.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ ଚିରିକିପଡ଼ା ଗ୍ରାମରେ ସ୍ୱାମୀ ପଞ୍ଚୁ ପ୍ରଧାନଙ୍କ ମୃତ୍ୟୁର ୨୪ ଘଣ୍ଟା ନ ପୂରୁଣୁ ବୁଧବାର ଅପରାହ୍ନରେ କୌଣସି କାରଣରୁ ତାଙ୍କ ସ୍ତ୍ରୀ ସବିତା ପ୍ରଧାନ (୫୦)ଙ୍କ ମୃତ୍ୟୁ ଘଟିଥିଲା। ହେଲେ କରୋନା ସନ୍ଦେହ କରି ଗ୍ରାମବାସୀ କି ପରିବାର ଲୋକେ ମହିଳାଙ୍କ ମୃତଦେହ ସଂସ୍କାର ପାଇଁ କେହି ସାଥି ଦେଇ ନ ଥିଲେ। ତବେ ଖବର ପାଇ ସରପଞ୍ଚ ପ୍ରତିନିଧି ମାନସ ରଞ୍ଜନ, ବିଡିଓ ତନ୍ମୟ ପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସାର୍ଥକ ସଙ୍କେତ ବିଶ୍ୱାଳ ଓ ମନୋରଞ୍ଜନ ନାୟକ, ବିପିଏମ ବିଶ୍ୱଜିତ ପ୍ରଧାନ ପ୍ରମୁଖ ପିପିଇ କିଟ୍ ପରିଧାନ କରି ନିକଟରେ ଥିବା ଏକ ଜଙ୍ଗଲ ଶ୍ମଶାନରେ ଅନ୍ତିମ ସଂସ୍କାର କରିଥିଲେ।

# ଲକ୍‌ଡାଉନ୍‌ରେ କାଶୀନଗରରେ ଯାଞ୍ଚ କଡ଼ାକଡ଼ି


ନାକାଗେଟରେ କଡାକଡ଼ି ଯାଞ୍ଚ ।

କାଶୀନଗର, ୬।୫ (ଡି.ଏନ.ଏ.)

ସମ୍ପ୍ରତି କରୋନା ମହାମାରୀ ବୃଦ୍ଧି ପାଇବା ବେଳେ ଗତ ୫ ତାରିଖଠାରୁ କରାଯାଇଥିବା ଲକ୍‌ଡାଉନ ପ୍ରଭାବରେ କାଶୀନଗର ଅଞ୍ଚଳ ଶୁନଶାନ ରହିଛି। ସୀମାନ୍ତ ଅଞ୍ଚଳ ଯୋଗୁ ଆନ୍ଧ୍ର ଓ ତେଲଙ୍ଗାନାରୁ ଯେଉଁ ପ୍ରବାସୀମାନେ ଆସୁଛନ୍ତି ତାଙ୍କ ପାଇଁ ଜିଲା ପ୍ରଶାସନର ମୁଣ୍ଡବ୍ୟଥା ହୋଇଛି। ଓଡିଶା ଓ ଆନ୍ଧ୍ର ମୁଖ୍ୟ ବର୍ଡର ସ୍ଥଳ ହେଉଛି ହଡ଼ଭାଙ୍ଗି। ସେହି ରାସ୍ତାରେ ନାକା ଗେଟେ କରାଯାଇଥିଲେ ମଧ୍ୟ ଗଳାବାଟ ଦେଇ ପ୍ରବାସୀମାନେ ଆସିଯାଉଥିବା ଖବର ପାଇ ଗୁରୁବାର ପାରଳାଖେମୁଣ୍ଡି ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ନାକା ଗେଟ ପାଖରେ ଉପସ୍ଥିତ ରହି ଅନୁସନ୍ଧାନ କରିବା ସହ ଗଳାବାଟ ଦେଇ ଯାଉଥିବା ପ୍ରବାସୀମାନେ ନ ଯିବା ପାଇଁ ପଥରକାନ୍ଥ ନିର୍ମାଣ କରିଥିଲେ। ଫଳରେ ସେହି ରାସ୍ତାଦେଇ ଯିବା ଆସିବା ବନ୍ଦ କରିଥିଲେ। କାଶୀନଗର ପୋଲିସ ସ୍ଥାନୀୟ ନାକା ଗେଟରେ କଡାନଜର ରଖିଛନ୍ତି। ଯେଉଁ ବ୍ୟକ୍ତି ସେହି ଗେଟ ଦେଇ ଯିବା ବେଳେ ସେମାନଙ୍କ ପରିଚୟ ପତ୍ର ଓ କୋଭିଡ ସଂକ୍ରାନ୍ତ ଗାଇଡ୍‌ଲାଇନ ଅନୁସାରେ ଅନୁସନ୍ଧାନ କରାଯାଉଛି।

# ମୃତଦେହ ଓଡ଼ିଶା ପଠାଇଲେ ଏସ୍‌ଆଇ | ଆନ୍ଧ୍ର ପୋଲିସର ମାନବିକତା

ପାରଳାଖେମୁଣ୍ଡି, ୬।୫ (ଡି.ଏନ୍.ଏ.)

ଆନ୍ଧ୍ରପ୍ରଦେଶର ଜଣେ ପୋଲିସ ଏସ୍‌ଆଇ ବାଲେଶ୍ୱର ଜିଲାର ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଓଡ଼ିଶା ପଠାଇବା ବ୍ୟବସ୍ଥା କରି ପ୍ରଶଂସାର ପାତ୍ର ହୋଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ହାଇଦ୍ରାବାଦରୁ ପ୍ରଦୀପ ଗୌଡ଼ ଓ ତାଙ୍କ ସ୍ତ୍ରୀ ଏକ କାର୍ ଭଡା କରି ବାଲେଶ୍ୱର ଅଭିମୁଖେ ଆସୁଥିଲେ। ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ଟେକାଲି ଗାଁ ନିକଟରେ ପ୍ରଦୀପ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ। କିଛି ସମୟ ପରେ ସେହି ଗାଡିରେ ପ୍ରଦୀପଙ୍କ ଜୀବନ ଚାଲିଯାଇଥିଲା। କରୋନାରେ ପ୍ରଦୀପଙ୍କ ମୃତ୍ୟୁ ହୋଇଥିବା କାର୍‌ଚାଳକଙ୍କ ସନ୍ଦେହ ହୋଇଥିଲା। ତେଣୁ ସେ ଟେକାଲି ଗ୍ରାମଠାରୁ ୨ କି.ମି. ଦୂରରେ ମୃତଦେହ ଓ ପ୍ରଦୀପଙ୍କ ସ୍ତ୍ରୀଙ୍କୁ ଗାଡ଼ିରୁ ଓହ୍ଲାଇ ଦେଇ ପଳାଇଥିଲେ। ପ୍ରଦୀପଙ୍କ ସ୍ତ୍ରୀ ପ୍ରାୟ ୩ ଘଣ୍ଟା ଧରି ସ୍ୱାମୀଙ୍କ ମୃତଦେହ ପାଖରେ ବସି ସାହାଯ୍ୟ ପାଇଁ କାକୁତିମିନତି ହେଉଥିଲେ ମଧ୍ୟ କେହି ଶୁଣୁ ନ ଥିଲେ। ଏହି ସମୟରେ ପାରଳାଖେମୁଣ୍ଡିଠାରୁ ୩୫ କି.ମି. ଦୂର ୧୬ ନଂ. ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିବା ଆନ୍ଧ୍ର ଟେକଲି ଥାନା ଏସ୍‌ଆଇ ଏନ. ଚନ୍ଦ୍ର ଶେଖର ତାଙ୍କ ଟିମ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରଦୀପଙ୍କ ସ୍ତ୍ରୀଙ୍କଠାରୁ ସମସ୍ତ କଥା ଶୁଣିବା ପରେ ଏସ୍‌ଆଇ ଜଣକ ଆର୍ଥିକ ସହାୟତା ଯୋଗାଇବା ସହ ଏକ ସ୍ୱତନ୍ତ୍ର ଗାଡିରେ ମୃତଦେହ ଓ ମହିଳାଙ୍କୁ ବାଲେଶ୍ୱର ପଠାଇବା ବ୍ୟବସ୍ଥା କରିଥିଲେ। ଏପରକି ସୀମା ପାର ହେବା ପର୍ଯ୍ୟନ୍ତ ଆନ୍ଧ୍ର ପୋଲିସ ନିଜ ଦାୟିତ୍ୱ ସମ୍ପାଦନ କରି ମାନବିକତାର ପରିଚୟ ଦେଇଛି। ପ୍ରଦୀପଙ୍କ ମରଶରୀର ସସମ୍ମାନେ ନିଜ ଘରେ ପହଞ୍ଚିବା ପର୍ଯ୍ୟନ୍ତ ସାହାଯ୍ୟ କରିବା ପାଇଁ ଏସ୍‌ଆଇ ଚନ୍ଦ୍ରଶେଖର ଓଡିଶା ପୋଲିସକୁ ନିବେଦନ କରିଥିଲେ।


ମହିଳାଙ୍କୁ ପୋଲିସ ସହାୟତା କରୁଛି।

# ସାଇନ ବୋର୍ଡରେ ସୀମିତ ନ ରହୁ ବିଶ୍ୱବିଦ୍ୟାଳୟ

## ଭିତ୍ତିଭୂମି ଯୋଗାଯାଉ:ସିପିଏମ୍ ସମ୍ପାଦକ

ବ୍ରହ୍ମପୁର ଅଫିସ,୬।୫

ବ୍ରହ୍ମପୁରର ପୁରାତନ ଉଚ୍ଚ ଶିକ୍ଷାନୁଷ୍ଠାନ ଖଲ୍ଲିକୋଟ କଲେଜକୁ ରାଜ୍ୟ ସରକାର ବିଳମ୍ବରେ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେଇଥିବା ସ୍ୱାଗତଯୋଗ୍ୟ। ତେବେ କେବଳ ସାଇନ ବୋର୍ଡ ପରିବର୍ତ୍ତନ କିମ୍ବା ଅନୁଦାନରେ କୋଠା ନିର୍ମାଣ ମଧ୍ୟରେ ସୀମିତ ନ ରଖି ତୁରନ୍ତ ଉନ୍ନତମାନର ଗବେଷଣା ପାଇଁ ଆବଶ୍ୟକ ଭିତ୍ତିଭୂମି ଯୋଗାଇବା ଏବଂ ନୂଆ କୁଳପତି ନିଯୁକ୍ତି ସାଙ୍ଗକୁ ଆନୁସଙ୍ଗିକ ବ୍ୟବସ୍ଥା କରାଯିବା ପାଇଁ ଏହି ମହାବିଦ୍ୟାଳୟର ପୂର୍ବତନ ଛାତ୍ର ନେତା ତଥା ସିପିଏମ୍ ରାଜ୍ୟ କମିଟି ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଦାବି କରିଛନ୍ତି। ଖଲ୍ଲିକୋଟ କଲେଜ ପରିଚାଳନା କମିଟିର ସଦସ୍ୟ ଅଛନ୍ତି ପଟ୍ଟନାୟକ। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପଠାଇଥିବା ଚିଠିରେ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ତାଙ୍କୁ ଅଶେଷ ଧନ୍ୟବାଦ ଜଣାଇବା ସହ ଗୁଣାତ୍ମକ ଶିକ୍ଷାଦାନ ପାଇଁ ଅଧ୍ୟାପିକା, ଅଧ୍ୟାପକ ନିଯୁକ୍ତି ଲାଗି ଅଳି ଗୁରୁତ୍ୱ ଦେଇଛନ୍ତି। ପ୍ରାୟ ଦେଢ଼ ଶହ ବର୍ଷର ଖଲ୍ଲିକୋଟ କଲେଜ ପ୍ରଥମେ ଘରୋଇ ଭାବେ ପ୍ରତିଷ୍ଠା କରାଯାଇଥିଲା। ଏହି ଉଚ୍ଚ ଶିକ୍ଷାନୁଷ୍ଠାନରେ ପ୍ରଥମ ସ୍ନାତ୍ତୋକତ୍ତର ପାଠ୍ୟକ୍ରମ ପ୍ରଚଳନ ସହିତ ସାନ୍ଧ୍ୟ କଲେଜ, ଆଇନ, ବିଇଡି ଆଦି କଲେଜ ଖୋଲାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଆଇନ ଓ ବିଇଡି ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ ହୋଇଥିଲା।

୧୯୬୦ ଦଶକରୁ ଏହି ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ହୋଇ ରାଜ୍ୟର ଶିକ୍ଷା ଜଗତରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲା। ତେଣୁ ବହୁ ପୂର୍ବରୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଯୋଗ୍ୟ ବିବେଚିତ ସତ୍ତ୍ୱେ ତାହା ହୋଇପାରି ନ ଥିଲା। ଏଭଳି ଗୌରବମୟ ଓ ଐତିହ୍ୟ ସମ୍ପନ୍ନ କଲେଜକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିଥିବାରୁ ମୁଖ୍ୟମନ୍ତ୍ରୀ ପ୍ରଶଂସାର ପାତ୍ର ହୋଇଥିବା ବରିଷ୍ଠ ବାମପନ୍ଥୀ ନେତା ମତ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଏହି ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ, ବୁଦ୍ଧିଜୀବୀ ଓ ବିଭିନ୍ନ ସ୍ତରର ଲୋକେ ସରକାରଙ୍କ ପଦକ୍ଷେପକୁ ସ୍ୱାଗତ ଜଣାଇଛନ୍ତି।

